1957
ମାର୍ଚ୍ଚ 26

# ଉତ୍ତର ପ୍ରଦେଶ ରାଜ୍ୟ
# ବନାମ
# ମହମ୍ମଦ ସୟିଦ

(ଭଗୱତୀ, ଜାଫର ଇମାମ ଏବଂ ଏ. କେ. ସରକାର, ନ୍ୟାୟମୂର୍ତ୍ତିବୃନ୍ଦ)

*ପ୍ରତିଭୂ ବଣ୍ଡ - ଅଭିଯୁକ୍ତକୁ ହାଜର କରିବାରେ ବିଫଳ ହେଲେ ରାଜା ସମ୍ରାଟ କୈସର-ଇ-ହିନ୍ଦଙ୍କୁ ପ୍ରଦାନ ହୋଇଥିବା ଅର୍ଥ ବାଜ୍ୟାପ୍ତି ପାଇଁ ପ୍ରତିଶ୍ରୁତି ଦେବା - ବଣ୍ଡ ଆଇନଗତ ଏବଂ ପ୍ରବର୍ତ୍ତନକ୍ଷମ ଦଣ୍ଡ ପ୍ରକ୍ରିୟା ସଂହିତା, ଧାରା 499, 514, ଏବଂ 555 – ବିଧି ଅନୁକୂଳନ ଆଦେଶ, 1950, ଖଣ୍ଡ 4.*

1953 ମସିହାରେ ଉତ୍ତରଦାତା ଅଭିଯୁକ୍ତକୁ ମାଜିଷ୍ଟ୍ରେଟ୍ ଙ୍କ ସମ୍ମୁଖରେ ହାଜର କରିବା ପାଇଁ ଏକ ପ୍ରତିଭୂ ବଣ୍ଡ କାର୍ଯ୍ୟକାରୀ କରିଥିଲେ ଓ ଯଦି ଏପରି କରିବାରେ ବିଫଳ ହୁଅନ୍ତି, ତେବେ ରାଜା ସମ୍ରାଟ କୈସର-ଇ-ହିନ୍ଦଙ୍କୁ 500 ଟଙ୍କା ଜୋରିମାନା ଭାବେ ଦିଆଯିବ । ଅଭିଯୁକ୍ତକୁ ହାଜର କରିବାରେ ବିଫଳ ହେବା ପରେ, ମାଜିଷ୍ଟ୍ରେଟ୍ 300 ଟଙ୍କା ପର୍ଯ୍ୟନ୍ତ ବଣ୍ଡ୍ ବାଜ୍ୟାପ୍ତ କରିଥିଲେ । ଉତ୍ତରଦାତା ଙ୍କ ଯୁକ୍ତି ଥିଲା ଯେ ଯେଉଁ ବଣ୍ଡ୍ ସରକାରଙ୍କ ସପକ୍ଷରେ ନଥିବ ତାହାକୁ ବାଜ୍ୟାପ୍ତ କରାଯାଇପାରିବନାହିଁ ।

ନିର୍ଣ୍ଣୟ ହୋଇଥିଲା ଯେ, ବଣ୍ଡଟି କାର୍ଯ୍ୟକାରୀ ହେବା ସମୟରେ ଦଣ୍ଡ ପ୍ରକ୍ରିୟା ସଂହିତା ଅଧୀନରେ ଭାରତୀୟ ପ୍ରଜାତନ୍ତ୍ରର ଆଇନ ପାଇଁ ଅଜଣା ଏକ ବଣ୍ଡ ଥିଲା ଏବଂ ଏହାକୁ ବାଜ୍ୟାପ୍ତ  କରାଯାଇପାରିବ ନାହିଁ । ଉତ୍ତରଦାତା ଏପରି କୌଣସି ବଣ୍ଡ୍ କାର୍ଯ୍ୟକାରୀ କରିନଥିଲେ, ଯାହା ଦ୍ୱାରା ସେ ଉକ୍ତ ଅର୍ଥରାଶି ଭାରତ ସଂଘ ସରକାର କିମ୍ବା ଉତ୍ତର ପ୍ରଦେଶ ରାଜ୍ୟ ସରକାରଙ୍କ ଠାରୁ ହରେଇବାକୁ ବାଧ ହୋଇଥିଲେ । ଏକ ବୈଧ ବଣ୍ଡ୍ ହେବା ନିମିତ୍ତ, ବାଜ୍ୟାପ୍ତ ପାଇଁ ସରକାରଙ୍କୁ ଅଙ୍ଗୀକାର ଦେବା ଉଚିତ ଥିଲା ଏବଂ ରାଜା ସମ୍ରାଟଙ୍କୁ ନୁହେଁ । ଉତ୍ତରଦାତାଙ୍କ  ଦ୍ୱାରା ନିଷ୍ପାଦିତ ବଣ୍ଡରେ ରାଜା ସମ୍ରାଟ କୈସର-ଇ-ହିନ୍ଦଙ୍କ ଶବ୍ଦଗୁଡ଼ିକ  ବିଧି ଅନୁକୂଳନ ଆଦେଶ 1950 ର ଖଣ୍ଡ 4 ଅନୁଯାୟୀ ସରକାରଙ୍କୁ ବୁଝାଉନଥିଲା ।

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 130/1955 ।

ଫୌଜଦାରୀ ଆବେଦନ ସଂଖ୍ୟା 292/1953 ରେ ଗୋଣ୍ଡାସ୍ଥିତ  ଦୌରା ବିଚାରପତିଙ୍କ 1954 ମସିହା ଫେବୃଆରୀ 21 ତାରିଖରେ ରାୟ ଏବଂ ଆଦେଶରୁ ଉତ୍ପନ୍ନ ଫୌଜଦାରୀ ପୁନରୀକ୍ଷଣ ସଂଖ୍ୟା 60/1954 ରେ ଲକ୍ଷ୍ନୌସ୍ଥିତ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ (ଲକ୍ଷ୍ନୌ ଖଣ୍ଡପୀଠ)ଙ୍କ 1955, ମାର୍ଚ୍ଚ 11 ତାରିଖରେ ରାୟ ଏବଂ ଆଦେଶରୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 134(1) (c) ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଜି. ସି. ମାଥୁର* ଏବଂ *ସି. ପି. ଲାଲ* ।

***ନ୍ୟାୟମୂର୍ତ୍ତି ଇମାମ*** ନ୍ୟାୟମୂର୍ତ୍ତି ଇମାମ ଙ୍କ ଦ୍ୱାରା  1957. ମାର୍ଚ୍ଚ 26 ରେ ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା-

*1957*
*ଉତ୍ତର ପ୍ରଦେଶ ରାଜ୍ୟ*
*ବନାମ*
*ମହମ୍ମଦ ସୟିଦ*
*ନ୍ୟାୟମୂର୍ତ୍ତି ଇମାମ*

ଏହି ମାମଲାଟି ଏହି ନ୍ୟାୟାଳୟରେ ଆବେଦନ କରିବା ପାଇଁ ଉପଯୁକ୍ତ ବୋଲି ସେହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ପ୍ରମାଣପତ୍ର ଉପରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ବିରୁଦ୍ଧରେ ଉତ୍ତର ପ୍ରଦେଶ ରାଜ୍ୟ ଦ୍ୱାରା ଏହା ଏକ ଆବେଦନ ।

ନିର୍ବିବାଦିତ ତଥ୍ୟ ହେଉଛି ଯେ ଜଣେ ମହମ୍ମଦ ୟାସିନ୍ ଭାରତୀୟ ଦଣ୍ଡ ସଂହିତାର ଧାରା 379 ଅନୁଯାୟୀ ମକଦ୍ଦମା ଦାଏର କରାଯାଇଥିଲା । ତାଙ୍କୁ ଜାମିନ ରେ ମୁକ୍ତ କରାଯାଇଥିଲା । ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 499 ଅନୁଯାୟୀ ବନ୍ଧକ ବଣ୍ଡ ନିଷ୍ପାଦନ କରି, ଅଭିଯୁକ୍ତ ୟାସିନକୁ ଅଭିଯୋଗର ଉତ୍ତର ଦେବାପାଇଁ ଅଦାଲତ ଆଗରେ ହାଜର କରିବାକୁ ଏବଂ ଯଦି ସେମାନେ ଏପରି କରିବାରେ ବିଫଳ ହୁଅନ୍ତି, ତେବେ ଜୋରିମାନା ଆକାରରେ ରାଜା ସମ୍ରାଟ କୈସର-ଇ-ହିନ୍ଦଙ୍କୁ ପ୍ରତ୍ୟେକଙ୍କର 500 ଟଙ୍କା ଲେଖାଏଁ ବାଜ୍ୟାପ୍ତ ହେବ ବୋଲି ଅଙ୍ଗୀକାର କରି ଜଣେ ରାମ ନାରାୟଣ ସହିତ ଉତ୍ତରଦାତା ତାଙ୍କ ପାଇଁ ବନ୍ଧକରେ ରହିଥିଲେ । ୟାସିନ୍ ଖସି ଫେରାଇ ନେଲେ । ଅଦାଲତରେ ତାଙ୍କର ଉପସ୍ଥିତି ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ ବିଫଳ ହୋଇଥିଲା । ଫଳସ୍ୱରୂପ ସେମାନଙ୍କର ବଣ୍ଡକୁ କାହିଁକି ବାଜ୍ୟାପ୍ତ କରାଯିବା ଉଚିତ ନୁହେଁ ତାହାର କାରଣ ଦର୍ଶାଇବା ପାଇଁ ବନ୍ଧକଙ୍କୁ ଦଣ୍ଡପ୍ରକ୍ରିୟା ସଂହିତା ର ଧାରା 514 ଅନୁଯାୟୀ ବିଜ୍ଞପ୍ତି ଜାରି କରାଯାଇଥିଲା । ମାଜିଷ୍ଟ୍ରେଟ୍ ଏହି ମାମଲାକୁ ବିଚାରକୁ ନେବା ପରେ ସେମାନଙ୍କ ବଣ୍ଡ ପ୍ରତିଭୂ କରିବାକୁ ପ୍ରତ୍ୟେକଙ୍କୁ 300ଟଙ୍କା ଯାଏଁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତା ଗୋଣ୍ଡାର ଦୌରା ବିଚାରପତିଙ୍କୁ ଆବେଦନ କରିଥିଲେ, ଯିଏକି ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ । ମାଜିଷ୍ଟ୍ରେଟ୍ ଏବଂ ଦୌରା ବିଚାରପତି ଆଦେଶରେ ଅସନ୍ତୁଷ୍ଟ ହୋଇ, ଉତ୍ତରଦାତା ଉଚ୍ଚନ୍ୟାୟାଳୟରେ ଏକ ଅପରାଧିକ ପୁନରୀକ୍ଷଣ ଦାଖଲ କରିଥିଲେ ଏବଂ ନ୍ୟାୟମୂର୍ତ୍ତି ମୁଲ୍ଲା ତାଙ୍କ ଆବେଦନକୁ ଅନୁମତି ଦେଇଥିଲେ ଏବଂ ତାଙ୍କ ଦ୍ୱାରା ନିଷ୍ପାଦିତ ବଣ୍ଡ ରଦ୍ଦ କରି ମାଜିଷ୍ଟ୍ରେଟ୍ ଆଦେଶ ବାତିଲ କରିଦେଇଥିଲେ । ସରକାରୀ ଓକିଲଙ୍କ ଅନୁରୋଧ କ୍ରମେ ବିଜ୍ଞ ବିଚାରପତି ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ ଯାହା ଆଧାରରେ ବର୍ତ୍ତମାନର ଆବେଦନ ବ୍ୟବହାର ପୂର୍ବରୁ ରହିଛି ।

ବିଚାର ପାଇଁ ଏକମାତ୍ର ପ୍ରଶ୍ନ ହେଉଛି ଯେ ଉତ୍ତରଦାତାଙ୍କ ଦ୍ୱାରା ନିଷ୍ପାଦିତ ବଣ୍ଡ ଦଣ୍ଡ ପ୍ରକ୍ରିୟା ସଂହିତା ଅଧୀନରେ ଥିଲା କି ଯେଉଁଥିପାଇଁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 514 ବ୍ୟବସ୍ଥା ଅନୁଯାୟୀ,ଏହା ବାଜ୍ୟାପ୍ତ ହୋଇପାରିବ । ସଂହିତାର ଧାରା 499 ଆବଶ୍ୟକ କରେ ଯେ, କୌଣସି ବ୍ୟକ୍ତି ଜାମିନରେ ମୁକ୍ତ ହେବା ପୂର୍ବରୁ କିମ୍ବା ନିଜ ବଣ୍ଡରେ ମୁକ୍ତ ହେବା ପୂର୍ବରୁ, ପୋଲିସ୍ ଅଧିକାରୀ କିମ୍ବା କୋର୍ଟ, ଯାହା ପର୍ଯ୍ୟାପ୍ତ ବୋଲି ବିବେଚନା କରନ୍ତି, ସେହି ପରିମାଣର ଅର୍ଥ ପାଇଁ ଏକ ବଣ୍ଡ ଏପରି ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟକାରୀ ହେବ । ଏବଂ ଯେତେବେଳେ ସେ ଜାମିନରେ ମୁକ୍ତ ହୁଅନ୍ତି, ଏକ କିମ୍ବା ଅଧିକ ପର୍ଯ୍ୟାପ୍ତ ନିଶ୍ଚିତତା ଙ୍କ ଦ୍ୱାରା ସର୍ତ୍ତ ରଖାଯାଏ ଯେ ଏପରି ବ୍ୟକ୍ତି ବଣ୍ଡରେ ଉଲ୍ଲିଖିତ ସମୟ ଏବଂ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ, ଏବଂ ପୋଲିସ୍ ଅଧିକାରୀ କିମ୍ବା ନ୍ୟାୟାଳୟ ଦ୍ୱାରା ଅନ୍ୟଥା ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଉପସ୍ଥିତ ରହିବା ଜାରି ରଖିବେ । ଫୌଜଦାରୀ ପ୍ରକ୍ରିୟା ସଂହିତାର ଅନୁସୂଚୀ ৮ରେ ବିଭିନ୍ନ ପଦ୍ଧତି ସ୍ଥିର କରାଯାଇଛି ଏବଂ ସମ୍ବିଧାନର ଧାରା 554 ଦ୍ୱାରା ପ୍ରଦତ୍ତ କ୍ଷମତାର ବଶବର୍ତୀ ରହି ସଂହିତାର ଧାରା 555 ତାହା ପ୍ରଦାନ କରିଥାଏ ସମ୍ବିଧାନ ର ଅନୁଚ୍ଛେଦ 227 ଦ୍ୱାରା ସେହି ଅନୁସୂଚୀରେ ସ୍ଥିରିକୃତ ପଦ୍ଧତି ଗୁଡିକୁ , ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ସହିତ, ସେଥିରେ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରେ ଏବଂ ଯଦି ବ୍ୟବହାର କରାଯାଏ,ତେବେ ଏହା ଯଥେଷ୍ଟ

1957
ଉତ୍ତର ପ୍ରଦେଶ ରାଜ୍ୟ
ବନାମ
ମହମ୍ମଦ ସୟିଦ
ନ୍ୟାୟମୂର୍ତ୍ତି ଇମାମ

ହେବ । ସେହି ଅନୁସୂଚୀର ଫର୍ମ XLII ଅନୁଯାୟୀ ଜଣେ ଅଭିଯୁକ୍ତ ଏବଂ ତାଙ୍କ ଜାମିନଦାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ବଣ୍ଡର ବିଷୟବସ୍ତୁ ସ୍ଥିର କରେ । ବଣ୍ଡ ଦୁଇଟି ଭାଗରେ ବିଭକ୍ତ ଗୋଟିଏ ଅଂଶ ଅଭିଯୁକ୍ତଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଅନ୍ୟ ଅଂଶଟି ତାଙ୍କ ଜାମିନଦାର କିମ୍ବା ଜାମିନଦାରମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ । ଏପରି ବଣ୍ଡ କାର୍ଯ୍ୟକାରୀ କରିବାରେ ଉଭୟ ଅଭିଯୁକ୍ତ ଏବଂ ଜାମିନଦାରମାନେ, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଉତ୍ତର ଦେବାକୁ ଯେତେବେଳେ ବି ଡକାଯାଏ, ଅଦାଲତରେ ଅଭିଯୁକ୍ତଙ୍କ ଉପସ୍ଥିତିର ପ୍ରତିଶ୍ରୁତି ଦିଅନ୍ତି ଏବଂ ଖିଲାପ କ୍ଷେତ୍ରରେ ମଧ ସେଥିରେ ଉଲ୍ଲିଖିତ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ସରକାରଙ୍କୁ ବାଜ୍ୟାପ୍ତ ଦେବାକୁ ବାଧ ହୁଅନ୍ତି । 1950 ମସିହା ଜାନୁଆରୀ 26 ତାରିଖର ବିଧି ଅନୁକୂଳନ ଆଦେଶରେ ବଣ୍ଡ ଏହା ଉଲ୍ଲେଖ କରିବା ଉଚିତ । ସେହି ଆଦେଶ ପୂର୍ବରୁ ସରକାର ଶବ୍ଦଟି ବଣ୍ଡରେ ଦେଖାଯାଇନଥିଲା । ଉକ୍ତ ଆଦେଶର ଖଣ୍ଡ 4 ଆଧାରରେ, ଯେତେବେଳେ ସେଥିରେ ଥିବା ସାରଣୀର ସ୍ତମ୍ଭ 1ରେ ଉଲ୍ଲିଖିତ ଏକ ଅଭିବ୍ୟକ୍ତି ଏକ ବିଦ୍ୟମାନ କେନ୍ଦ୍ରୀୟ କିମ୍ବା ପ୍ରାଦେଶିକ ଆଇନ, ସେହି ଆଦେଶର ଅନୁସୂଚୀରେ ଉଲ୍ଲିଖିତ ଏକ ଅଧିନିୟମ, ଅଧ୍ୟାଦେଶ କିମ୍ବା ନିୟମାକ ହୋଇଥାଏ, ସେହି କ୍ଷେତ୍ରରେ ଘଟିଥାଏ, (ପ୍ରବର୍ତ୍ତିତ ଆଇନର ଏକ ଶୀର୍ଷକ କିମ୍ବା ପ୍ରସ୍ତାବନା କିମ୍ବା ଏକ ଉଦ୍ଧୃତି କିମ୍ବା ବର୍ଣ୍ଣନା ବ୍ୟତୀତ), ତେବେ ସେହି ଅଭିବ୍ୟକ୍ତିଟି ଆଦେଶ ଦ୍ୱାରା ଗ୍ରହଣ ହେବାକୁ କିମ୍ବା ସଂଶୋଧନ ହେବାକୁ କିମ୍ବା ଅସଂଶୋଧିତ ରହିବାକୁ କିମ୍ବା ବାଦ୍ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ନ ରହିବା ପର୍ଯ୍ୟନ୍ତ ସେଥିରେ ପ୍ରତିସ୍ଥାପିତ ହେବ , ଯେଉଥିପାଇଁ ଅଭିବ୍ୟକ୍ତିଟି ଉକ୍ତ ସାରଣୀର ସ୍ତମ୍ଭ 2 ରେ ଏହାର ବିପରୀତ ରହିଥାଏ, ଟେବୁଲର ସ୍ତମ୍ଭ 1 ରେ "ଶାସକ" "ମହାମହିମ" ଏବଂ "ମହାମହିମ(ସ୍ତ୍ରୀ)" ଶବ୍ଦଗୁଡ଼ିକ ଦେଖାଯାଏ ଏବଂ ସ୍ତମ୍ଭ 2 ରେ ସେମାନଙ୍କ ବିରୁଦ୍ଧରେ "ସରକାର" ଶବ୍ଦ ଦେଖାଯିବ । ଏହି ଖଣ୍ଡର ସରଳ ପାଠ ହେଉଛି ଯେ ଯେଉଁଠାରେ "ଶାସକ", "ମହାମହିମ" କିମ୍ବା "ମହାମହିମ(ସ୍ତ୍ରୀ)" ଶବ୍ଦ ଦେଖାଯାଏ, ସେମାନଙ୍କ ପାଇଁ "ସରକାର" ଶବ୍ଦଟି ଆଦେଶର ପ୍ରଥମ ଅନୁସୂଚୀରେ ଉଲ୍ଲିଖିତ ବିଦ୍ୟମାନ କେନ୍ଦ୍ରୀୟ କିମ୍ବା ପ୍ରାଦେଶିକ ଆଇନରେ ପ୍ରତିସ୍ଥାପିତ ହେବ । ଅନୁସୂଚୀରେ ଉଲ୍ଲିଖିତ କେନ୍ଦ୍ରୀୟ ଆଇନଗୁଡ଼ିକ ମଧ୍ୟରୁ ଦଣ୍ଡ ପ୍ରକ୍ରିୟା ସଂହିତା ହେଉଛି ଗୋଟିଏ, ଯେଉଁଥିରେ ଦଣ୍ଡ ପ୍ରକ୍ରିୟା ସଂହିତାର ପଞ୍ଚମ ଅନୁସୂଚୀ ଉଲ୍ଲେଖ ରହିଛି ଏବଂ ଏହି ଆଦେଶରେ ନିର୍ଦ୍ଦେଶ ଦିଆଯାଇଛି ଯେ ଦଣ୍ଡ ପ୍ରକ୍ରିୟା ସଂହିତାର ପଞ୍ଚମ ଅନୁସୂଚୀରେ, ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ସ୍ଥାନ ବ୍ୟତୀତ, "ମହାମହିମ ରାଣୀ" ଶବ୍ଦଗୁଡ଼ିକ ରହିଛି ଏବଂ "ମହାମାନ୍ୟ ରାଜା" ଶବ୍ଦ "ସରକାର" ଶବ୍ଦଦ୍ୱାରା ପ୍ରତିସ୍ଥାପିତ କରାଯିବ । ବିଧି ଅନୁକୁଳୀନ ଆଦେଶ 1950 ର ପୂର୍ବରୁ, ବିଧି ଅନୁକୁଳୀନ ଆଦେଶ 1948 ଥିଲା ଏବଂ ବଣ୍ଡରେ ଥିବା "ଭାରତର ସାମ୍ରାଜ୍ଞୀ" ଶବ୍ଦଗୁଡ଼ିକୁ ରଦ୍ଦ କରାଯାଇଥିଲା ଏବଂ ଏହାର ସ୍ଥାନରେ "ମହାମହିମ ରାଣୀ" ଶବ୍ଦଗୁଡ଼ିକୁ ବଦଳାଯାଇଥିଲା । ଭାରତ 1947 ରେ ସାର୍ବଭୌମ ମାନ୍ୟତା ହାସଲ କରିଥିଲା ଏବଂ 1950 ରେ ଏକ ଗଣତନ୍ତ୍ରରେ ପରିଣତ ହୋଇଥିଲା । ବିଧି ଅନୁକୁଳୀନ ଆଦେଶ, 1948 ଏବଂ 1950 ର ଅଭିଯୋଜନ ଭାରତର ସ୍ଥିତିକୁ ଏକ ଆଧିପତ୍ୟ ଏବଂ ପରେ ଏକ ସାର୍ବଭୌମ ଗଣରାଜ୍ୟରେ ପରିବର୍ତ୍ତନ କରିବାର ପରିଣାମ ଥିଲା । 1950 ମସିହା ଜାନୁଆରୀ 26 ତାରିଖ ପରଠାରୁ ଭାରତର ସମ୍ରାଜ୍ଞୀଙ୍କ ସପକ୍ଷରେ ନିଷ୍ପାଦିତ କୌଣସି ବଣ୍ଡକୁ ଦଣ୍ଡ ପ୍ରକ୍ରିୟା ସଂହିତା ଅଧୀନରେ ନିଷ୍ପାଦିତ ହୋଇଥିବା ବଣ୍ଡ ବୋଲି କୁହାଯାଇପାରିବ ନାହିଁ । ଯଦି ସେ ଅଦାଲତରେ ଅଭିଯୁକ୍ତଙ୍କ ଉପସ୍ଥିତି ଜାହିର କରିବାରେ ବିଫଳ ହୁଅନ୍ତି, ତେବେ ଯେଉଁ ସେ ବଣ୍ଡ ନିଷ୍ପାଦିତ କରିଥିବାର ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ରାଜା ସମ୍ରାଟଙ୍କ ନିକଟରେ ହରାଇବେ । ସେ ଏପରି କୌଣସି ବଣ୍ଡ କାର୍ଯ୍ୟକାରୀ କରିନଥିଲେ, ଯାହା ଦ୍ୱାରା ସେ ଉକ୍ତ ଅର୍ଥରାଶି ଭାରତ ସଂଘ ସରକାର କିମ୍ବା ଉତ୍ତର ପ୍ରଦେଶ ରାଜ୍ୟଠାରୁ ହରେଇବାକୁ ବାଧ୍ୟ ହୋଇଥିଲେ । 1953 ରେ ତାଙ୍କ

*1957*
*ଉତ୍ତର ପ୍ରଦେଶ ରାଜ୍ୟ*
*ବନାମ*
*ମହମ୍ମଦ ସୟିଦ*
*ନ୍ୟାୟମୂର୍ତ୍ତି ଇମାମ*

ଦ୍ୱାରା ନିଷ୍ପାଦିତ ବଣ୍ଡ୍ ଏକ ବଣ୍ଡ୍ ଥିଲା ଯାହା କାର୍ଯ୍ୟକାରୀ ହେବା ସମୟରେ ଦଣ୍ଡ ପ୍ରକ୍ରିୟା ସଂହିତା ଅଧୀନରେ ଥିବା ଭାରତୀୟ ଗଣତନ୍ତ୍ରର ଆଇନ ପାଇଁ ଅଜ୍ଞାତ ଥିଲା । ଦଣ୍ଡ ପ୍ରକ୍ରିୟା ସଂହିତା ର ଧାରା 514 ଅଦାଲତକୁ ସେହି ସଂହିତାର ବ୍ୟବସ୍ଥା ଅନୁଯାୟୀ ନିଷ୍ପାଦିତ ହୋଇଥିବା ବଣ୍ଡକୁ ବାଜ୍ୟାପ୍ତ କରିବାକୁ କ୍ଷମତା ପ୍ରଦାନ କରେ ଏବଂ ଯେହେତୁ ଉତ୍ତରଦାତା  ଦ୍ୱାରା ନିଷ୍ପାଦିତ ବଣ୍ଡ ଦଣ୍ଡ ପ୍ରକ୍ରିୟା ସଂହିତା ଅନୁଯାୟୀ ନୁହେଁ, ତେଣୁ ଏହାକୁ ହରେଇବା ପାଇଁ ସଂହିତାର ଧାରା 514 ର ବ୍ୟବସ୍ଥା ଅବଲମ୍ବନ କରାଯାଇପାରିବ ନାହିଁ ।

ତେବେ ରାଜ୍ୟ ପକ୍ଷରୁ ଏହା ଅନୁରୋଧ କରାଯାଇଥିଲା ଯେ ବିଧି ଅନୁକୁଳୀନ  ଆଦେଶ 1950 ର ଖଣ୍ଡ 4 ଅନୁଯାୟୀ ବଣ୍ଡ୍ ରେ "ମହାମହିମ ରାଣୀ" ଶବ୍ଦର ସ୍ଥାନରେ "ସରକାର" ଶବ୍ଦର ପ୍ରତିସ୍ଥାପନ କରାଯାଇ ସଂଶୋଧନ କରାଯାଇଥିଲା ଏବଂ ବଣ୍ଡ୍ ସେହି ଅନୁଯାୟୀ ପଢ଼ାଯିବା ଉଚିତ । ବାଜ୍ୟାପ୍ତ ହୋଇଥିବା ବଣ୍ଡରେ ସମ୍ରାଟ କୈସର-ଇ-ହିନ୍ଦ ଆଉ ବିଦ୍ୟମାନ ନାହିଁ ବୋଲି ବିବେଚନା କରାଯିବା ଉଚିତ୍ । ଆଦେଶର ଖଣ୍ଡ 4, ତଥାପି ନିର୍ଦ୍ଦେଶ ଦିଏ ଯେ "ସରକାର" ଶବ୍ଦଟି "ମୁକୁଟ", "ମହାମହିମ" ଏବଂ "ମହାମହିମ(ସ୍ତ୍ରୀ)" ଶବ୍ଦ ପାଇଁ ପ୍ରତିସ୍ଥାପିତ ହେବ । ଏଥିରେ ରାଜା ସମ୍ରାଟ କିମ୍ବା ଭାରତର ସମ୍ରାଟ, ରାଣୀ ସମ୍ରାଜ୍ଞୀ କିମ୍ବା ଭାରତର ସମ୍ରାଜ୍ଞୀ କିମ୍ବା କୈଶର-ଇ-ହିନ୍ଦ ଶବ୍ଦର ପ୍ରତିସ୍ଥାପିତ  ହୋଇଛି ବୋଲି କୌଣସି ଉଲ୍ଲେଖ ନାହିଁ  ।  ତେଣୁ ଉତ୍ତରଦାତାଙ୍କ ଦ୍ୱାରା ନିଷ୍ପାଦିତ ବଣ୍ଡରେ ରାଜା କୈସର-ଇ–ହିନ୍ଦ ଶବ୍ଦଗୁଡ଼ିକ  ଆଦେଶର ଖଣ୍ଡ 4 ଆଧାରରେ ସରକାରଙ୍କୁ ବୁଝାଇବ ବୋଲି ପଢାଯାଇପାରିବ ନାହିଁ । ନିଃସନ୍ଦେହରେ ସେମାନଙ୍କ ତରଫରୁ କିଛି ତ୍ରୁଟି, ଅସାବଧାନତା କିମ୍ବା ଅବହେଳା ହୋଇଛି, ଯେଉଁମାନଙ୍କ ଉପରେ ଧାରା 499 ଅନୁଯାୟୀ କାର୍ଯ୍ୟକର୍ମ ହେବାକୁ ଥିବା  ଦଣ୍ଡପ୍ରକ୍ରିୟା ସଂହିତାର ର ଅନୁସୂଚୀ 5 ରେ ନିର୍ଦ୍ଧାରିତ ବଣ୍ଡର ବାକ୍ୟାବଳୀରେ  ଅତ୍ୟାବଶ୍ୟକ ପରିବର୍ତ୍ତନ କରିବା ପାଇଁ ଏକ କର୍ତ୍ତବ୍ୟ ଥିଲା । ତେବେ ବାସ୍ତବତା ହେଉଛି ଯେ ଅଭିଯୁକ୍ତକୁ ଅଦାଲତରେ ହାଜର କରିବାରେ ବିଫଳ ହେବା କାରଣରୁ ତାଙ୍କ ବଣ୍ଡ୍ ବାଜ୍ୟାପ୍ତ ହେବ ବୋଲି ଉତ୍ତରଦାତା  ଭାରତ ସଂଘ ସରକାର କିମ୍ବା ଉତ୍ତର ପ୍ରଦେଶ ରାଜ୍ୟ ସରକାରଙ୍କ ସହ ନିଜକୁ ବନ୍ଧିତ କରିନଥିଲେ । ଏବଂ ସେ ଏହା କହିବାକୁ ହକଦାର ଯେ ତାଙ୍କ ବିରୋଧରେ କୌଣସି ବଣ୍ଡ ସମ୍ବନ୍ଧରେ ବାଜ୍ୟାପ୍ତ ଆଦେଶ କରାଯାଇପାରିବ ନାହିଁ ଯାହା ସଂହିତା  ଅଧୀନରେ ଏକ ବଣ୍ଡ ନଥିଲା ଏବଂ ଏହାର କାର୍ଯ୍ୟକାରୀ ହେବା ସମୟରେ ସଂହିତା ରେ ରହିଥିବା ଆଇନରେ ବିଦିତ ନଥିଲା । ତାଙ୍କ ଦ୍ୱାରା ନିଷ୍ପାଦିତ ବଣ୍ଡର ବାଜ୍ୟାପ୍ତ କରିବା ଆଦେଶ ଉପରେ ଉତ୍ତରଦାତା ଦ୍ୱାରା ଉଠାଯାଇଥିବା  ଆପତ୍ତି ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ଏହା ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 514 ଅନୁଯାୟୀ କରାଯାଇପାରିବ ବୋଲି ଏକ ଭୁଲ ଧାରଣା ଅଧୀନରେ ଉକ୍ତ ଆଦେଶ ପ୍ରଦାନ କରାଯାଇଥିଲା ।

ତଦନୁସାରେ ଆବେଦନକୁ ଖାରଜ କରାଯାଏ ।

*ଆବେଦନ ଖାରଜ ହେଲା*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ  ନିମନ୍ତେ ରାୟର ଇଂରାଜୀ  ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ, ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।